# ପିଲାଙ୍କ କଥା
## (ଭୂମିଜ)
## ଦ୍ୱିତୀୟ ଭାଗ



# ପିଲାଙ୍କ କଥା (ଭୂମିଜ)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଭୂମିଜ ସଂସାଧକ ମଣ୍ଡଳୀ
ଶ୍ରୀ ମହେନ୍ଦ୍ରନାଥ ସର୍ଦ୍ଦାର
ଶ୍ରୀ ବୁଦ୍ଧେଶ୍ୱର ମୁଣ୍ଡା
ଶ୍ରୀମତୀ ଲଳୀତା ସର୍ଦ୍ଦାର

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ

ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Bhumija Resource Group**
**Sri Mahendranath Sardar**
**Sri Budheswar Munda**
**Smt. Lalita Sardar**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**

Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୁର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଭୂମିଜ ଭାଷାର ଦ୍ୱିତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ଭାରତରେଆଃ ଆୟାର ନୁମୁ ଚିଆ ତାୟ ଲେନା
# (ଭାରତର ପ୍ରାଚୀନ ନାମ କ'ଣ ଥିଲା)

**ଆର୍ଯ୍ୟକ ଭାରତରେ ବଲୋ ଆୟାର ଭାରତରେଆଃ ନୁମୁ "ଭାରତ" ମେନ୍ତେ ନୁମୁ କା ତାୟଲେନା । ଆର୍ଯ୍ୟକ ଅୟାତ ଭାରତରେ ଭୂମିଜକ ତାୟ ଲେନା । ସିନ୍ଧୁଗାଡା କୁଟି ଆତୁଂ ଭୂମିଜକ ତାୟଲେନା । ସିନ୍ଧୁଗାଡା କୁଟି ଆତୁଂ ଭୂମିଜକ ହିଜକାତେ ଆୟାର ଭାରତରେ ତାୟଲେନା । ଭୂମିଜକ ଭାରତରେ ତାୟ ଜାନାକ ଅକ୍ତରେ ଏନ୍ ମାରାଂମାରାଂ ଗାଡା କୁଟି କରେ ତାୟ ଜାନାକ । ବେଜାଇଁ ଚାଷବାସ କେଆକ । ଏମାନ ଡେମାନ 'ଜ' କ ଚାଷବାସ କେଆକ ଅକ୍ତରେ, ଏନଚାଷ ବାସ ବେଜାଇଁ ବେଶ ହୁଇଜାନା ।**



ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିବା ପୂର୍ବରୁ ଭାରତର ନାମ ଭାରତ ବୋଲି ନ ଥିଲା । ଆର୍ଯ୍ୟମାନଙ୍କ ପୂର୍ବରୁ ଭାରତରେ ଭୂମିଜ ମାନେ ରହୁଥିଲେ । ସିନ୍ଧୁନଦୀ କୂଳରେ ଆସି ଭୂମିଜ ମାନେ ପ୍ରଥମେ ଭାରତରେ ରହିଥିଲେ । ଭୂମିଜ ମାନେ ଭାରତରେ ବଡ ବଡ ନଦୀ କୂଳ ମାନଙ୍କରେ ରହି ବିଭିନ୍ନ ଫସଲ ସବୁ ଚାଷ କରୁଥିଲେ । ଏହି ବଡ ବଡ ନଦୀ କୂଳ ମାନଙ୍କରେ ଚାଷ ଭଲ ହେଉଥିଲା । ଅମଳ ଭଲ ହେଉଥିବାରୁ ଭୂମିଜ ମାନେ ଆନନ୍ଦରେ ରହୁଥିଲେ । ଚାଷବାସର ମଞ୍ଜିକୁ ଭୂମିଜ ଭାଷାରେ 'ଜ' ବା ଜାଙ୍ଗ କୁହାଯାଏ । ବିହନକୁ ହିତା କୁହାଯାଏ ।

**ଚାଷବାସ କାତେ 'ଜ' କ ବେଜାଇଁ ଚେହେରା ଞାମକେଜିଆକ ତାୟନମ, ଇନାକ ଜମ୍ ବାଲାକାତେ ବେଜାଇଁ ଚେହେରାତେ ତାୟ ଜାନାକ । ତାୟମ ଆକଆଃ ବସ୍ତି ଜାଗାରେଆଃ ନୁମୁ 'ଜ' ଦିଶୁମ ଜମ୍ବୁଦ୍ୱୀପ ମେନ୍ତେ ନୁମୁ ଅମକେଆକ । ତବେ ଆର୍ଯ୍ୟକ ବଲୋଜାନାକ ତାୟମ ନେନ୍ ନୁମୁ ବଦଲି କାତେ ଆର୍ଯ୍ୟବର୍ତ୍ତ ମେନ୍ତେ ନୁମୁ ଅମଲେଆକ ।ଅଜଦାଃ ରେଆ ରାଜା ଦୁଷ୍ମନ୍ତ ନେନ୍ ଆର୍ଯ୍ୟବର୍ତ୍ତ ନୁ ମୁହଁବଦଲି ବାଲାକାତେ ଆୟାଃ ହନ ହେରେଲ୍ ଭାରତଆଃ ନୁମୁ ଅନୁସାର୍ ଭାରତ ମେନ୍ତେ ନୁମୁ ଅମକେଆୟ ଆର ନେନ୍ ନୁମୁ ହଆର ହାବିଃ ମେନାଃଆ ।**



ଏହି ଜ ବା ହିତା ଭାରତର ନଦୀ ପାଣିରେ ଭଲ ଅଙ୍କୁରିତ ହୋଇ ଭଲ ଅମଳ ହେଉଥିବାରୁ ଭୂମିଜ ମାନେ ରହୁଥିବା ଜାଗାକୁ ଏହି 'ଜ' ବା ହିତାର ନାମ ଅନୁଯାୟୀ 'ଜ' ଦିଶୁମ ଜମ୍ବୁଦ୍ୱୀପ ବୋଲି ନାମିତ କରିଥିଲେ । ଆର୍ଯ୍ୟମାନେପ୍ରବେଶ କରିବା ପରେ ଏହି ନାମକୁ ବଦଳ କରି ଆର୍ଯ୍ୟାବର୍ତ୍ତ ନାମରେ ନାମିତ କରିଥିଲେ । କିନ୍ତୁ ଅଯୋଧ୍ୟାର ରାଜା ଦୁଷ୍ମନ୍ତ, ଏହି ଆର୍ଯ୍ୟାବର୍ତ୍ତ ନାମକୁ ବଦଳ କରି ତାଙ୍କ ପୁତ୍ର ଭାରତଙ୍କ ନାମ ଅନୁଯାୟୀ "ଭାରତ" ବୋଲି ନାମିତ କଲେ, ଯାହା ବର୍ତ୍ତମାନ ମଧ୍ୟ ରହିଛି ।

ପିଲାଙ୍କ କଥା

# ଭୁମିଜକ ହାଲା ଚିଲେକାତେ ନାମକେଆ
# (ଔଷଧ କିମିତି ଜାଣିଲେ)

ଆଦିମ ଯୁଗରେ ଆଦିବାସୀ ଭୁମିଜକ ହାସୁଦାନରେ ଆସକୁଟି ଫୁ କାରେଗ ହାସୁ ଚାବାକଆକ, ତବେ ଏନମାନ୍ଦାହା ସୁକ ଚାବାକଆୟ ମେନ୍ତେ ପାତିଆଉ ଲେଆକ, ତବେ ଏନ ମାନ୍ଦା ହାସୁକ ଲାଙ୍ଗା ହାସୁକ ଏନ ଫୁଲେରେ ଚାବା ହୁଇତାନ ତାୟଲେନା ମ୍ୟାଲେରିଆ, ଟାଇଫଏଡ଼ ଯକ୍ଷ୍ମା କଦୟ ପଲେରେ କା ବେଶ ହୁଇତାନା ତାୟଲେନାୟ. ମୁସିଂ ମଦ ହଲ ମ୍ୟାଲେରିଆତେ ହାସୁ ଜାନା । ଫୁଲେଆକତେହଁ ହାସୁ କା ଚାବା ଜାନା ।



ଆଦିମ ଯୁଗରେ ଭୂମିଜ ମାନେ ଜ୍ୱର ହେଲେ ମନ୍ତ୍ର ଫୁଙ୍କାରେ ଭଲ ହେଉଥିଲେ ବୋଲି ବିଶ୍ୱାସକରୁ ଥିଲେ । ତେବେ ଏହି ମନ୍ତ୍ର ଫୁଙ୍କାରେ ସର୍ଦ୍ଦି ଜ୍ୱର, ଥକା ଜ୍ୱର, ଥଣ୍ଡା ଜ୍ୱର ଆଦି ଭଲ ହେଉଥିଲା । ମ୍ୟାଲେରିଆ ଟାଇଫଏଡ, ଯକ୍ଷ୍ମା ଆଦି ରୋଗ ଏହି ମନ୍ତ୍ରଫୁଙ୍କା ଜ୍ୱର ଭଲ ହେଉ ନ ଥିଲା । ଥରେ ଜଣେ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହେଲା । ଯେତେ ମନ୍ତ୍ରଫୁଙ୍କିଲେ ମଧ୍ୟ ଜ୍ୱର ଭଲ ହେଉ ନ ଥିଲା । ସବୁ ଦିନ ଜ୍ୱର ଲାଗିରହିଲା ।

**ଦିନଗେ ହାସୁ ହିଜଜାନା ତାୟମ ଏନ ହାସୁ ଜାଲାତେ ଏନ ହଳ ରାଗତେ ବିରିନସାଃତେ ସେନଜାନା । ଏମାନ ତେମାନକ ଜମକେଜିଆ । ତେତାଂ କେଆ ଅକ୍ତରେ ମଏଁ ସାପାରମ ଦାରୁ ବୁଟାରେ ହୁନ୍‌ଡିଲେନାୟ ଦାଃ କଞ୍ଜୁକେଜିଆ । ଦାଃ ଞୁକାତେ ମଜ୍ ଦାରୁ ଉମୁଲରେ ଦୁବ୍‌ଜାନା । ତାୟମ ବେଜାଇଁ ରାସ୍କାଗେ ଆଦାଜାନାୟ ବାୟ ତେଚାବା ଜାନା । ତୟମ ମଟ୍ ଡଣ୍ଡେ ଦୁବ୍ବାନାୟ ଅକ୍ତରେ ହାସୁବାୟା ବାୟରେ ଚାବା ଜାନା ।ତାୟମ ବେଜାଇଁ ରାସ୍କାଗେ ଆଦାଜାନାୟ ଆର ଅଳାଃତେ ରୁଆଳ ହିଜଜାନା ।**



ଜ୍ୱର ନ ଛାଡିବାରୁ ଲୋକଟି ବିରକ୍ତ ହୋଇ ଜଙ୍ଗଲକୁ ପଳାଇଲା । ଜଙ୍ଗଲରେ ଯାହା ପାଇଲା ଚେର ମୂଳୀ ସବୁ ଖାଇଲା । ଶୋଷ ହେବାରୁ ଗଙ୍ଗ ଶିଉଳି ଗଛ ମୂଳରେ ଜମିଥିବା ପାଣି ପିଇଲା । ପାଣି ପିଇ ଗଛ ଛାଇରେ ଯାଇ ବସିଲା । କିଛି ସମୟ ବସିଲା ପରେ ଜ୍ୱର ହଠାତ୍ ଛାଡିଗଲା । ଜ୍ୱର ଛାଡିଲା ପରେ ଲୋକଟି ବହୁତ ଖୁସି ହେଲା ଖୁସିରେ ଘରକୁ ଫେରିଲା । ଗାଁରେ ଲୋକମାନେ ତାକୁ ଦେଖି ଆଶ୍ଚର୍ଯ୍ୟ ହେଲେ ।


ଅଲାଃରେ ଆୟକେ ନେଲକାତେ ହଲକ ଟାଟ୍‌କା ଜାନକ । ଆର କୁଲି କିଜିଆକ ଟିଆ ଟିଆକ ଜମଲେଆ ମେନ୍ତେ । ତାୟମ ଯତୋ ହଲକେ ଆୟ ସେନଲେନାୟ ଜାଇଗାତେ ଇଦିକେଆୟ । ଆର ଟିଆ ଟିଆ ଜମଲେଆ ଇନାକ ଯତୋ ଦେଖାଓ କେଆ । ଏନମୁସିଂ ଆତୁଂ ହଲକ ହାସୁଜାନରେ ଏନ ଟାୟତେକ ସେନେଆକ ଆରଏନ ସାପାରୁମ୍ ବୁଟାରେଆଃ ଦାଃ କ ନୁ କଆକ । ତାୟମ ଏନ ଦାଃ ନୁ କାତେ ବେସ ଜାନାକ ଅନ୍ତରେ ଏ ସାପା୍‌ରମ ଦାରୁ ମଜ୍ ହାଲା ମେନ୍ତେ ଏତୋଜାନା ।



କେମିତି ଜ୍ୱର ଛାଡିଲା ବୋଲି ପଚାରି ବାରୁ ଲୋକଟି ଅନ୍ୟ ମାନଙ୍କୁ ସାଙ୍ଗରେ ଧରି ସେ ଯାଇଥିବା ଜାଗାକୁ ନେଇଗଲା । ସବୁକିଛି ଦେଖାଇଲା । ଗଙ୍ଗ ଶିଉଳି ଗଛ ମୂଳର ପାଣି ଦେଖାଇ ବାରୁ ତାହା ଔଷଧିୟ ପାଣି ବୋଲି ସମସ୍ତେ ଜାଣିଲେ । ପାଣି ଯେଉଁ ଗଛ ମୂଳରେ ଥିଲା ସେହି ଗଛକୁ ଔଷଧ ଗଛ ବୋଲି ଜାଣିଲେ । ଜ୍ୱର ହେଲେ ସେହି ଗଛର ଛାଲକୁ ପଥରରେ ଛେଞ୍ଚି ରସ ବାହାର କରି ପିଇବାରୁ ଜ୍ୱର ଛାଡିଗଲା । ତେଣୁ ଗଙ୍ଗ ଶିଉଳି ଔଷଧ ଗଛ ବୋଲି ଜାଣିଲେ ।

# ଚାଉଲି ଦାରୁ କାହାନୀ (ଚାଉଳ ଗଛ କଥା)

ଭୂମିଜକଆଃ ଗାଲପ ଅନୁସାର ଆଦିମଯୁଗରେ ବାବା ବଦଲରେ ଦାରୁକରେ ଚାଉଲୀକଗେ ଜ ତାନ୍ତାୟଲେନା । ମାନବୀ ମାନବଙ୍କଲ ଦାରୁଆତୁଂ ଚାଉଲୀକଗେ ଆଗୁବାଲାକାତେ ମାଣ୍ଡିକ ଚନ୍ଦାକଆକ । ମୁସିଂ ମଜ୍ ବାମଣ ବୁଢା କୟ କୟକାତେ ଅଳାଃତେ ରୁଆଲ ତାନ୍ ତାୟଲେନା । ହରେନରେ ଇଃ ସାନାୟ ଜାନା । ତାୟମ ବାମଣ ବୁଢା ଆୟାଃ ଚାଉଲୀ ଥୁଇଲା ମଜ୍ ଜାଗାରେ ଜଗାଓ କେଆ ଆର ଇଃତେ ସେନଜାନାୟ । ଇଃତେ ସେନକାତେ ଏନ୍ ଚାଉଲିଜ୍ ଲେନାୟ କୁଣ୍ଡି ଆଳିରେ ଦୁବ୍ କାତେ ଇଃକୋତେ ।



ଭୂମିଜ ମାନଙ୍କ ଗଳ୍ପ ଅନୁସାରେ ଆଦିମ ଯୁଗରେ ଧାନ ବଦଳରେ ଗଛ ମାନଙ୍କରେ ଚାଉଳ ଫଳୁଥିଲା । ଲୋକମାନେ ଗଛରୁ ସିଧା ଚାଉଳ ଆଣି ଭାତ ରାନ୍ଧୁ ଥିଲେ । ଦିନେ ଜଣେ ବ୍ରାହ୍ମଣ ବୁଢା ଭିକ ମାଗି ମାଗି ଘରକୁ ଫେରୁଥିଲା । ବାଟରେ ତାକୁ ଝାଡା ତଳବ ହେଲା । ଝାଡା ତଳବ ହେବାରୁ ସେ ତାର ଚାଉଳ ବ୍ୟାଗ ଗୋଟିଏ ଜାଗାରେ ରଖି ଝାଡାଗଲା । ଚାଉଳ ଫଳିଥିବା ବିଲ ହିଡରେ ବସି ଝାଡା ଫେରିଲା ।

ପିଲାଙ୍କ କଥା

**ଇଃ ଇଃ ତେଗେ ରେଙ୍ଗେଜ୍‌ଗେ ଆଦା ଜାନାୟ ଅକ୍ତରେ କୁଣ୍ଡିରେଆଃ ଚାଉଲୀ ଦାରୁକ ଆତୁଂ ତିଃରେ ଚାଉଲୀକ ମୁଠା ଆଓକେଜିଆ ଆର ଜମ କେଜିଆ । ଅସଦ୍ଧି କାତେ ଚାଉଲୀ ଦାରୁ ଆତୁଂ ଆଓକେ ଦିଆ ଆର ଜମକେଜିଆ ମେନ୍ତେ ସିର୍ଜନକାରୀ ଶିଁବ ବାବା ବେଦାଇଁ ଅଶାନ୍ତି ଜାନା ଆର ହୁଡିଂ ନଃ ଦାଃ ତିଃରେ ରାକାବ କାତେ ଫୁକାତେ ହିରିକ୍ କେଆ ତାୟମ ଚାଉଲୀକ ବଦଲି ଜାନା ଆର ବାବା କଗେ ଜ ଜାନା । ଏନ ମୁସିଂ ଆତୁଂ ହଆର ହାବିଃ ଦାରୁକରେ ବାବାକଗେ ଜ ତାନା ।**



ଝାଡା ଫେରିଲା ପରେ ତାକୁ ଭୋକ ହେଲା । ସେ ସେହି ଅଶୁଚି ଅବସ୍ଥାରେ ଚାଉଳ କିଆରୀରୁ ଚାଉଳ ହାତ ମୁଠାରେ ଆଣି ଖାଇଲା । ବ୍ରାହ୍ମଣ ବୁଢା ଅଶୁଚି ଅବସ୍ଥାରେ ଚାଉଳ ଆଣି ଖାଇବାରୁ ସୃଷ୍ଟି କର୍ତ୍ତା ଶିବବାବା ଅଶାନ୍ତି ହେଲେ ହାତରେ କିଛି ପାଣି ନେଲେ, ପାଣିକୁ ମନ୍ତ୍ର ପୂତ କରିଫିଙ୍ଗି ଦେବାରୁ ଚାଉଳ ସବୁ ଧାନରେ ପରିଣତ ହେଲା । ସେହି ଦିନଠାରୁ ଧାନ ଗଛରେ ଚାଉଳ ନଫଳି ଧାନ ଫଳୁଅଛି ।

# ଭୂମିଜ କଆଃ ଆଦିମ ଯୁଗରେଆଃ ନୁମୁ (୧)
# (ଭୂମିଜମାନଙ୍କ ପ୍ରାଚୀନ ପୀଠ ୧)

ଭାରତ ଦିଶୁମରେ ଆଦିମ ଯୁଗରେ ଆଃ ଚିମାଃ ଗାନ ନୁମୁକ ହଆର ହାବିଜ୍ ମେନାଃ କଆୟ । ଭୂମିଜ କଆଃ ଏନ୍ ନୁମୁକ ବିତାର ଆତୁଂ ଅକୋ ନୁମୁକ ଏନ୍ ହର ପାଟ ନୁମୁ ଲେକାତେ ମେନାଆଁ । ଏନ ନୁମୁକ ଦୁଇତାନା- ରଡପାଟ୍ ବାଙ୍କାପାଟ୍, ଡାବରା ପାଟ୍, ନସ୍କରିଆ ପାଟ, କପାଟ୍ପାଟ୍, ଦଲମା ପାଟ, କାହ୍ନା ପାଟ୍, ମିରୁ ଗିରି ପାଟ୍, ହେମ୍ବ୍ରମ ପାଟ୍, ହାସ୍ତା ପାଟ୍, ସାମନ୍ତିଆ ପାଟ୍, ବାରଦା ପାଟ୍, ଡଣ୍ଡା ପାଟ, କାଉରୀ ପାଟ୍, ପାଚରି ପାଟ, ଷାଣ୍ଡି ପାଟ, ପାକଣା ପାଟ୍, ଅଡଃ ବେଜାଇଁ ପାଟକ ମେନାଆଁ । ନେନ୍ ଯତୋ ନୁମୁକଗେ ଆଦିମ ଯୁଗରେ ନୁମୁଲେନା । ନେନଯତୋ ନୁମୁକ ମଏଁ ମଏଁ ବୁରୁ ଲେକାତେ ହଆର ମେନାଃକଆ ।



ଭାରତ ବର୍ଷରେ ଆଦିମ ଯୁଗର କେତେଗୁଡିଏ ନାମ ବର୍ତ୍ତମାନ ମଧ୍ୟେ ରହିଅଛି । ଭୂମିଜ ମାନଙ୍କ ଏହି ନାମ ଗୁଡିକ ମଧ୍ୟରୁ ଯେଉଁ ନାମ ଗୁଡିକ ହରପାଟ ନାମ ପରି ନାମିତ ହୋଇ ରହିଅଛି, ସେହି ନାମ ଗୁଡିକ ହେଲା, ରଡ ପାଟ୍, ବାଙ୍କା ପାଟ୍, ଡାବରା ପାଟ୍, ନସ୍କରିଆ ପାଟ, କପାଟ୍ ପାଟ୍, ଦଲମା ପାଟ, କାହ୍ନା ପାଟ୍, ମିରୁ ଗିରି ପାଟ୍, ହେମ୍ବ୍ରମ ପାଟ୍, ହାସ୍ତା ପାଟ୍, ସାମନ୍ତିଆ ପାଟ୍, ବାରଦା ପାଟ୍, ଡଣ୍ଡା ପାଟ, କାଉରୀ ପାଟ୍, ପାଚରି ପାଟ, ଷାଣ୍ଡି ପାଟ, ପାକଣା ପାଟ୍, ବାର୍ଦ୍ଦା ପାଟ, ତୁମଣାଂ ପାଟ, ତଥା ଆହୁରି ଅନେକ ପାଟ ରହିଛି । ଏହି ନାମ ଗୁଡିକ ଆଦିମ ଯୁଗରେ ନାମିତ କରାଯାଇଥିଲା । ଏଗୁଡିକ ବର୍ତ୍ତମାନ ଗୋଟିଏ ଗୋଟିଏ ପବିତ୍ର ପୀଠ ହୋଇ ରହିଛନ୍ତି ।

**ପିଲାଙ୍କ କଥା**

# ଭୂମିଜ କଆଃ ଆଦିମ ଯୁଗରେଆଃ ନୁମୁ (୨)
# (ଭୂମିଜମାନଙ୍କ ପ୍ରାଚୀନ ପୀଠ ୨)

ଆଦିମ ଯୁଗରେ ଭାରତ ଦିଶୁମରେ ଦାରୁ ନୁମୁତେ ଅକେ ଅକୋ ନୁମୁକ ନୁମୁଲେନାକ ଏନ ନୁମୁକ ହଆର ହାବିଃହଁ ମେନାଃକଆ । ଆଦିମ ଯୁଗରେଆଃ ଏନ୍ ନୁମୁକବିତାର ଆତୁଂ ଚିମାଃ ଗାନ ନୁମୁକ ହୁଇତାନା, ଶାରଜମଦାଃ, ମାତକମ୍ ଦାଃ , କୁଦା ଦାଃ, ଆମ୍ ଦାଃ, ଜାମ ଦାଃ, ମଗ ଦାଃ, ଖରଦାଃ, ଅଜଦାଃ, ଟଟାଦାଃ, ନେ ଲେକାନ ବେଜାଇଁ ନୁମୁ ମେନଆଁ । ନେନ୍ ଯତୋ ନୁମୁକ ଆଦିମ ଆଦିବାସୀ ଭାଷାତେ ନୁମୁକାତେ ମେନାଆଁ । ତେବେ ଆଦିମ ଯୁଗରେଆଃ ନେନ ନୁମୁକ ସତ୍ୟ, ତ୍ରେତୟା, ଦ୍ୱାପର,



ଆଦିମ ଯୁଗରେ ଭାରତ ବର୍ଷରେ ଗଛ ଲତା ନାମକୁ ନେଇ ଯେଉଁ କେତେକ ନାମ ନାମିତ କରାଯାଇ ଥିଲା,ସେ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ରହିଛି । ଗଛ ନାମରେ ରହିଥିବା ଏହି ନାମ ଗୁଡିକ ହେଲା-ଶାରଜମ୍ଦାଃ, ମାତକମ୍ଦାଃ, କୁଦାଦାଃ, ଆମଦାଃ,ଜାମଦାଃ,ମଗଦାଃ, ଅଜଦାଃ, ଖରଦାଃ, ଟଟାଦାଃ ଇତ୍ୟାଦି । ଏହି ନାମ ଗୁଡିକ ଆଦିବାସୀ ଭାଷାରେ ନାମିତ ହୋଇଛି । ତେବେ ସତ୍ୟ ତ୍ରେତୟା, ଦ୍ୱାପର ଓ କଳି ଯୁଗରେ ଏହି ନାମ ଗୁଡିକ ଟିକିଏ ବଦଳିଯାଇ,

**ଆରକଲି ଯୁଗରେ ହୁଡ଼ିଂବଃ ବଦଲି ବାଲାକାତେ ନେଲେକାତେ ନୁମୁଜାନା । ଏନ ବଦଲି। । କାନ ନୁମୁକ ହୁଇତାନା-ଆମ ପାଣି ଜାମ ପାଣି, ମହୁଲପାଣି, ଜାଟାପାଣି, ପାଟା । ପାଣି, ଟଟାପାଣି, ଝିଙ୍କପାଣି ନେଲେକାନନେଜାଇଁ ନୁମୁ ମେନାଅଁ। ନେନ ନୁମୁକ ଛାଡ଼ା-ଶାରଜପାଣି, ମାତକମଡ଼ି, ଜଜଡ଼ି, ଶଶଡି, ରଲାଡି, ଲୁଫୁଡି, ଜାମୁଡି, ନେଲେକାନ ବେଜାଇଁ ନୁମୁ ମେନାଆଁ ।ନେନ୍ ଯତୋ ନୁମୁକ ସିନ୍ଧୁଗାଡାରେଆଃ ମାହାଁ-ଦାରୁ ନୁମୁଲଃ ସଂପର୍କ ମେନାଆଁ । ନେନ ଯତୋ ନୁମୁକ ଭୁମିଜ ଭାଷାତେ ନୁମୁକାତେ ମେନାଆଁ ।**



ଆମ ପାଣି, ଜାମ ପାଣି, ମହୁଲ ପାଣି, ଜାଟା ପାଣି, ପାଟା ପାଣି, ଟାଟା ପାଣି, ଝିଙ୍କ ପାଣି ଇତ୍ୟାଦି ନାମରେ ନାମିତ ହୋଇଛି । ଏହି ନାମ ଗୁଡିକ ବ୍ୟତୀତ ଶାରଜମଡି, ମାତକମ୍ଡି, ଜଜଡି, ଶଶଡି, ରଲାଡି, ଲୁଫୁଡି, ଜାମୁଡି ଏହିପରି ମଧ୍ୟ ନାମିତ ହୋଇଛି । ଏହି ସମସ୍ତ ନାମ ଗୁଡିକ ସିନ୍ଧୁ ଉପତ୍ୟକାର ମାହାଁ-ଜ-ଦାରୁ ସହିତ ସଂପର୍କ ରହିଛି । ଏହି ସମସ୍ତ ନାମ ଭୂମିଜ ଭାଷାରେ ନାମିତ ହୋଇ ରହିଛି ।

## ପିଲାଙ୍କ କଥା


# ଚୂକା ଥାମ କାହାନୀ (କଳସୀ ମାଡ଼ କଥା)

ମୁଦଦାଓ ଭୂମିଜତେକ ଆକଆଃ ଜାଂବାହା ମଜ୍ ହାସା ଚୂକାରେ ହାଲାଂକାତେ ମଜ୍ ଆରାଃ ଟିଆଂରେ ତଲକାତେ ଆକଆଃ ଶାସନ ଜାଗାତେ ଇଦିତାନ ତାୟଲେନା । ହରେନରେ ଦିକି ପୁସିକ ନେନ ଚୂକା ନେନ୍‌କାତେ, ନେନ୍ ବିତାରେ ଚିଆ ମେନାଆ,ଇନା ଦେଖାଅପେ ମେନ୍ତେ କାଜିକାତେ ଭୂମିଜକକେ ଏସେଦ କେଆକ । ତବେ ଭୂମିଜକ ନେହେର କାତେ ମେନକେ ଜିଆକ,ନେନ୍ ଚୂକା ବିତାରେ ଚାୟ ହଲଆଃ ଜାଂ ବାହା ମେନାଆଁ ଆର ଏନ ଜାଂ ବାହା ଏଟାଃ ହଲକେ କାଲେ ଦେଖାଓ କଆ ଆର ହାସା ରେହଁ କାଲେ ଜଗାଓ କଆଲେ ।




ଥରେ ଭୂମିଜ ମାନେ ସେମାନଙ୍କ ଅସ୍ଥି କଳସ ନେଇ ଶାସନ ଜାଗାକୁ ଯାଉ ଥିବା ବେଳେ, ବାଟରେ କେତେକ ଆର୍ଯ୍ୟ ଲୋକ ଭୂମିଜ ମାନଙ୍କୁ ଅଟକାଇ ଏହି ମାଟି କଳସରେ କଣ ରଖିଛ ଦେଖାଅ ବୋଲି କହି ରାସ୍ତା ଅବରୋଧ କଲେ । ଆର୍ଯ୍ୟ ଲୋକ ମାନେ ରାସ୍ତା ସେମାନଙ୍କୁ ଅଗାଳିବାରୁ, ଭୂମିଜ ମାନେ କହିଲେ, ଏହି ମାଟି କଳସ ଭିତରେ ମୃତ ଲୋକର ଅସ୍ଥି ଅଛି ।

ଆଲେଆଃ ନିଆ ମଏଁ ଗୁପ୍ତ ଜିନିଷ କାନା । ଭୁମିଜ କଆ ନେନ୍ କାଜିତେ ଦିକି ପୁସିକକ କାକ ମାନ ଜାନାକ ଆର ଜବର  ଯସ୍ତି ଆକଆଃ ସୁବାତେ ସେନକାତେ ଚୁକା ବିତାରେ ଚିଆ ମେନାଆଁ ମେନ୍ତେ ଭାବିକାତେ ଏନ୍ ଚୂକାତେଟସସାବ୍ ଲାଗିନ ତିଃ ବଢାଓ କେଆ ଅକ୍ତରେ, ଏନ ଜାଂ ବାହା ଚୂକା ଆୟତେଗେ ଭୂମିଜକଆଃ ତିଃ ଆତୁଂ ପୁଚୁଜ୍ ହିଜ୍ କାତେ ଦିକୁ ପୁସି କଆଃ ବହଃକରେ,ମଟଂକରେ ଲୁତୁର କରେ ଶକ୍ତ ଠାୟ ଠାୟ କାତେ ଆମ କେଜିଆ ।



ଏହାକୁ ଆମେ ଆମର ଶାସନ ଜାଗାକୁ ନେଇ ଯାଉଛୁ । ଏହା ଅତି ଗୁପ୍ତ କଥା । ତେଣୁ ଏହାକୁ ଆମେ ଦେଖାଇବୁ ନାହିଁ । ଭୂମିରେ ମଧ୍ୟ ରଖିବୁ ନାହିଁ ।ଏହା ଶୁଣି ଆର୍ଯ୍ୟ ଲୋକ ମାନେ ଜବର ଦୋସ୍ତ ମାଟି କଳସ ଛଡାଇ ଆଣି ଦେଖିବାକୁ ଚେଷ୍ଟା କରି ପାଖକୁ ଗଲା ବେଳେ, ନାଲି କନାରେ ଗୁଡା ହୋଇଥିବା ଏହି ମାଟି କଳସ ନିଜକୁ ନିଜେ ଭୂମିଜଙ୍କ ହାତରୁ ଖସି ଆସି ଆର୍ଯ୍ୟ ଲୋକମାନଙ୍କ ମୁଣ୍ଡରେ, ଗାଲରେ ମୁହଁରେ, କାନ ମୁଣ୍ଡାରେ ଶକ୍ତ ଠାୟ ଠାୟ ପିଟିଲା ।

ନେନ ଚୂକା ଆବିରୋତେ ଆଦେଜକ ନିରି ଜାନାକ । ଅକୋକ ଏନରେ ତାୟଜାନା ଇନକିନକେ ଅଡଃ ଶକ୍ତ ଆମ କେଜିଆ । ନିକିନ ଯତୋ ନିର୍ ଜାନାକ ଅକ୍ତରେ , ଏନ ଚୂକାତେଟ୍ ଆୟତେଗେ ହାସାରେ ନୁରଜାନା ଆର ଏନରେ ତାୟଜାନା । ଏନ୍ ଚୂକାତେଟ୍ ଏନରେ ଆୟାଃ କୁସିତେ ନୁରକାତେ ତାୟଜାନା ଅକ୍ତରେ,ଭୂମିଜକ ମଏଁ ଚାଟାନି ଧିରି ଆଓକେଜିଆ ଅଅର ଅଅୟକେ ଏନରେ ଶାସନ ଅମକେଜିଆ ।



ମାଟି କଳସ ପିଟୁଥିବା ବେଳେ କେତେକ ପଳାଇଲେ । ଯେଉଁମାନେ ରହିଲେ ସେମାନଙ୍କୁ ପୁଣି ମାଡ ହେଲା । ମାଟି କଳସର ମାଡରେ ଶେଷରେ ସମସ୍ତେ ଦୌଡି ପଳାଇଲା ପରେ ମାଟି କଳସ ନିଜକୁ ନିଜେ ତଳକୁ ଆସି ଭୂମିରେ ବସିଲା । ଭୂମିଜମାନେ ଏହା ଦେଖି ଏକ ଚଟାଣ ପଥର ଆଣିଲେ । ଚଟାଣ ପଥର ଆଣି ତାକୁ ସେହି ଠାରେ ଶାସନ ଦେଲେ ।


# ଭୂମିଜକଆଃ ଆଣାଦି (ଭୂମିଜଙ୍କ ବିବାହ ପ୍ରଥା)

**ଭୂମିଜକଆ ଆଣାଦି, ଏଟା ଜାତି କଆ ଆଣାଦି ଆତୁଂ ବେଜାଇଁ ବେନା ଗେଆ । ଏଟା ଜାତିକ ପାଞ୍ଜିପାଟା ନେଲକାତେ ଆଣାଦି କରାଓ ଏୟାକ ଅକ୍ତରେ ଭୂମିଜକ ଏରେ ନେଲକାତେ ଆଣାଦି କାରଓ ଏୟାକ । ଏଟାଃ ଜାତିକ କନିଆଃ ଆଲା ଆତୁଂ ଯୌତୁକ ଇଦିକଆକ, ଭୂମିଜକ ବର ଅଲାଃ ଆତୁଂ ଗନଂ ଆଓକଆ। ଏଟାଃ ଜାତିକଆ ଆଣାଦି ନିନ୍ଦାରେ ଦୁଇକଆ, ଭୂମିଜକଆଃ ଆଣାଦି ଶେତାଃସିଙ୍ଗି ରାକାବ ଅକ୍ତରେ ଦୁଇକଆ ।**



ସିନ୍ଧୁବାସୀ ଭୂମିଜଙ୍କ ବାହାଘର ଅନ୍ୟଜାତି ବାହାଘର ଠାରୁ ବହୁତ ଭିନ୍ନ ଅଟେ । ଅନ୍ୟ ଜାତିରେ ବାହାଘର ପାଞ୍ଜିପଟା ଦେଖିକରୁଥିବା ବେଳେ ଭୂମିଜଙ୍କ ବାହାଘର ଏରେ ଦେଖିକରି କରାହୁଏ । ଅନ୍ୟ ଜାତିର ବାହାଘରରେ କନିଆ ଘରୁ ଯୌତୁକ ନିଆଯାଉଥିବା ବେଳେ ଭୂମିଜଙ୍କ ବାହାଘରରେ ବର ଘରୁ କନିଆ ପଣ ନିଆଯାଏ । ଅନ୍ୟ ଜାତିର ବାହାଘର ରାତିରେ ହେଉଥିବା ବେଳେ ଭୂମିଜଙ୍କ ବାହାଘର ଦିନର ସୂର୍ଯ୍ୟ ଉଦୟ ହେଉଥିବା ସମୟରେ ହୁଏ । ଅନ୍ୟ ଜାତି ମାନେ ବ୍ରାହ୍ମଣଙ୍କ ଜରିଆରେ ବାହଘର କରୁଥିବା ବେଳେ,

**ଏଙ୍ଗାଃ ଜାତିକ ବାମଣ ଆଣାଦି କରାଓଏୟା, ଭୂମିଜକ ଆକ ଆକତେଗେ ଆର ହାତୁ ମଣେ ହଲକ ତାଲାରେ ଆଣାଦି କରାଓଏୟା । ଏଟାଃ ଜାତିକ ସେଙ୍ଗେଲକେ ସାକ୍ଷୀ ଅମ୍ କାତେ ଆଣାଦି କରାଓଏୟା, ଭୂମିଜ ଆପିଆ ଡାଳ ଆର ଧିରିକେ ସାକ୍ଷୀ ଅମ୍ କାତେ ଆଣାଦ କରାଓଏୟାକ । ଏଟାଃ ଜାତିକ ତରୁଆଲ ସାବକାତେ ହାସା ଆର ଦାଃ କ ଆଓକଆକ, ଭୂମିଜ ଆଃଶାର ସାବ୍କାତେ ହାସା ଆର ଦାଃ କ ଆଓକଆକ ।**



ଭୂମିଜମାନେ ନିଜେ ନିଜେ ପାଞ୍ଚ ବନ୍ଧୁଙ୍କ ଗହଣରେ ବାହାଘର କରନ୍ତି । ଅନ୍ୟ ଜାତି ମାନେ ଅଗ୍ନିକୁ ସାକ୍ଷୀ ରଖି ବାହାଘର କରୁଥିବା ବେଳେ, ଭୂମିଜ ମାନେ ଗଛର ଡାଳ, ପଥର ଓ ଧର୍ମ ଦେବତା ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ବାହାଘର କାରନ୍ତି । ଅନ୍ୟ ଜାତିମାନେ ଖଣ୍ଡା ତରୱାଲ ଧରି ବେଦି ମାଟି ପାଣି ଆଣୁଥିବା ବେଳେ ଭୂମିଜ ମାନେ ଧନୁଶର ଧରି ବେଦି ମାଟି ଓ ପାଣି ଆଣନ୍ତି । ଅନ୍ୟ ଜାତି ମାନେ କାଦ ହାଟି ବା ବର କନ୍ୟାଙ୍କ ଗାଧୁଆ ସାରି ସାଧାସିଧା ଘରକୁ ଫେରୁଥିବା ବେଳେ ଭୂମିଜ ମାନେ,

**ଏଙ୍କାଃ ଜାତିକ କାଦହାଟି ଚାବା କାତେ ଏନକା ତେଗେ ଅଲାଃତେ ରୁଆଲଆକ ଅକ୍ତରେ ଭୂମିଜକ ଶାର ତୁଇଁ ତୁଇଁ କାତେ କାଦହାଟି ଆତୁଂ ଅଲାତେକ ରୁଆଲଆକ । ଭୂମିଜକଆ ନେନ୍ ନିଆକ ଯତୋ ବିଧି ଅନୁସାରେ ଦୁଇତାନାୟ ଅକ୍ତରେ ଏଟାଃ ଜାତି କଆ ବେଦ ଅନୁସାର ଦୁଇତାନା । ନେଲେ କାନ ଏଟାଃ ଜାତି ଆର ଭୂମିଜକଆଃ ରୟରୀତି ମେନାଆଁ ।**



କାଦ ହାଟି ସାରି ଘରକୁ ଫେରିବା ବେଳେ ଶର ବିନ୍ଧି ବିନ୍ଧି ଘରକୁ ଫେରନ୍ତି । ଭୂମିଜ ମାନେ ଏ ସମସ୍ତ କାର୍ଯ୍ୟବିଧି ଅନୁସାରେ ହେଉଥିବା ବେଳେ, ଅନ୍ୟ ଜାତି ମାନଙ୍କ ଏ ସମସ୍ତ କାର୍ଯ୍ୟ ବେଦ ଅନୁସାରେ ସମ୍ପୂର୍ଣ୍ଣ ହୁଏ । ଏହି ପରି ସିନ୍ଧୁବାସୀ ଭୂମିଜଙ୍କ ସଂସ୍କୃତି ପରମ୍ପରା ରହିଥିବା ବେଳେ ଅନ୍ୟ ଜାତି ମାନଙ୍କ ସଂସ୍କୃତି ପରମ୍ପରା ଭୂମିଜଙ୍କ ସଂସ୍କୃତି ପରମ୍ପରା ଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିଛି ।

## ପିଲାଙ୍କ କଥା

# ଭୂମିଜକଆଃ ନର୍‌ତା (ଭୂମିଜଙ୍କ ସଂସ୍କାର)

ଭୂମିଜକଆଃ ନରତା ଉମ୍, ଏଟାଃ ଜାତିକଆଃ ନରତା ଉମ୍‌ଲଃ ମୁଞ୍ଚାଟ ବାରିଆ ନୀତି ମେନାଆଁରେହଁ ଯତୋ ନୀତି କଦ ସମାନ କାଗେ । ଭୂମିଜକଆଃ ନଅ ଦିନରେ ନରତା ହୁଇତାନା, ଏଟାଃ ଜାତିକଆଃ ହଁ ନଅ ଦିନରେ ନରତା ହୁଇତାନା । ଭୂମିଜକଆଃ ନରତା ରେହଁ ଧୋବା ଭଣ୍ଡାରୀ ନିହାତି ଦରକାର । ଏଟା ଜାତିକଆ ନଲତା ରେହଁ ଧୋବାଭଣ୍ଡାରୀ ଦରକାର ।



ଭୂମିଜ ମାନଙ୍କର ନରତା ଗାଧୁଆ ଅନ୍ୟ ଜାତି ମାନଙ୍କ ନରତା ଗାଧୁଆ ନୀତି ସାହିତ ଗୋଟିଏ ଦୁଇଟି ନୀତି ସମାନ ହେଲେ ସବୁନୀତି ସମାନ ନୁହେଁ । ଭୂମିଜ ମାନେ ନଅ ଦିନରେ ନରତା କରନ୍ତି । ଅନ୍ୟ ଜାତି ମାନେ ମଧ୍ୟ ନଅ ଦିନରେ ନରତା କରିଥାନ୍ତି । ଭୂମିଜ ମାନଙ୍କର ନରତାରେ ଧୋବା ଭଣ୍ଡାରୀ ଦରକାର ହେଉଥିବା ବେଳେ, ଅନ୍ୟ ଜାତି ମାନଙ୍କ ନରତା ରେ ଧୋବା ଭଣ୍ଡାରୀ ଦରକାର ହୁଏ ନାହିଁ ।

**ଭୂମିଜକଆଃ ନୁମୁ ଅମ ସାସାଂ ଦାଃ ବାଟିରେ ମାନିଜାଂ ଆର ଚାଉଲୀ ଜାଂ ଇତୁକାତେ କରାଓ ଏୟାକ ଅକ୍ତରେ ଏଟାଃ ଜାତିକ ପାଞ୍ଜିପଟା ଞେଲକାତେ ନୁମୁ ଅମେଆକ । ନେନ୍ ନୁମୁ ଆମ୍ ନିତୀ ଭୂମିଜକଆଃ ବେନା ଗେଆ । ଆଦିମ ଯୁଗରେ ପାଞ୍ଜିପଟା ଚିଆଁକହଁ କା ଉଡୁଂ ଲେନା । ଇନାତେ ସାସାଂଦାଃ, ମାନିଜାଂ ଆର ଚାଉଲୀ ଜାଂ ଇଦିକାତେ କ ନଲତାରେ ନାମା ହନେ ଗାଣାକଆଃ ନୁମୁ ଅମେଆକ ।**



ଭୂମିଜ ମାନେ ବିନା ପାଞ୍ଜିପଟାରେ ନାମ ବାଛୁଥିବା ବେଳେ, ଅନ୍ୟ ଜାତି ମାନେ ପାଞ୍ଜିପଟା ଦେଖି ନାମ ବାଛିଥାନ୍ତି । ଆଦିମ ଯୁଗରେ ପାଞ୍ଜିପଟା କିଛି ନ ଥିଲା । ତେଣୁ ଭୂମିଜ ମାନେ ବେଲାରେ ହଳଦୀ ପାଣି ନେଇ, ସୋରିଷ ମଞ୍ଜି ଓ ଚାଉଳ ମଞ୍ଜି ହଳଦୀ ପାଣିରେ ପକାଇ ନାମ ବାଛନ୍ତି । ଭୂମିଜ ମାନଙ୍କର ଏହା ହିଁ ଗୋଟିଏ ଅଲଗା ନୀତି ଅଟେ । ତେବେ ସିନ୍ଧୁବାସୀ ଭୂମିଜମାନେ ଏପରି କରିଥାନ୍ତି ।

ପିଲାଙ୍କ କଥା

# ଭୂମିଜ କଆଃ କରମ ବଙ୍ଗା
# (ଭୂମିଜଙ୍କ କରମ ପୂଜା)

କରମ ବଙ୍ଗା ଭୂମମିଜକଆଃ ମଏଁ ମାରାଂ ବଙ୍ଗା କାନା । ନେବାର ଲକ୍ଷ୍ମୀ ଦେବିକେ ଯେମନ ବଙ୍ଗା ତାନାକ, ଠିକ ଏନକାଗେ ଆଦିମ ଯୁଗରେ ଭୂମିଜକ ଲକ୍ଷ୍ମୀ ବଙ୍ଗା ଲେକାତେ କରମ ବଙ୍ଗା ବଙ୍ଗା ତାନ ତାୟଲେନା । ନେବାର ହଁ କରମ କରମ ବଙ୍ଗା ଭୂମିଜ ସମାଜରେ ମେନାଆଁ । ଭୂମିଜକ ଦାରୁକେ ଲକ୍ଷ୍ମୀ ଦେବୀ ଲେକାତେ ଭାବିକାତେ ଆଦିମ ଯୁଗରେ ବଙ୍ଗା ଲେଆକ ।

ଧନ ସଂପତ୍ତି ଯତୋ ପୁରୁନ ହୁଇଜାନା ଅକ୍ତରେ କରମ ବଙ୍ଗା ସତ ମେନ୍ତେ କେଆକ । ତାୟମ ଯୁଗତେ ଯତୋକଗେ  କରମ ବଙ୍ଗା ବଙ୍ଗା କେଆକ । ଆଧେଜକ ବିଶ୍ୱେସ କା କରାଓଲେଆ । ମୁସିଂ ଏନ୍‌ତିକି ବାବାକ ଖାଞ୍ଚିରେ ତାୟଲେନା ଅକ୍ତରେ, ଏନ୍‌ତିକି ବାବାକଆତୁଂ ଦାରୁ ଅମନଜାନା । ତିକି ବାବକ ଅମନ ଜାନା ଅକ୍ତରେ କରମ ଦେବୀ ସତ ମେନାଆଁ ମେନ୍ତେ ବିଶ୍ୱାସ କେଆକ ଆର କରମ ବଙ୍ଗା ବଙ୍ଗା କେଆକ ।



କରମ ପୂଜା ଭୂମିଜମାନଙ୍କ ଏକ ବଡ ପୂଜା ଅଟେ । ବର୍ତ୍ତମାନ ଯେପରି ଲକ୍ଷ୍ମୀ ପୂଜା କରାଯାଉଛି, ଠିକ ସେହିପରି ଆଦିମ ଯୁଗରେ ଭୂମିଜମାନେ ଲକ୍ଷ୍ମୀ ପୂଜା ମନେ କରି କରମ ପୂଜା କରୁଥିଲେ । ବର୍ତ୍ତମାନ ମଧ୍ୟ ଏହା ଭୂମିଜ ସମାଜରେ ପ୍ରଚଳିତ ରହିଛି । ଭୂମିଜମାନେ କରମ ଗଛକୁ ଲକ୍ଷ୍ମୀ ଭାବି ପୂଜାକଲେ ।

ଧନ ସମ୍ପତ୍ତି ସବୁ ପରିପୂର୍ଣ୍ଣ ହେଲା ବେଳେ,କରମ ପୂଜାକୁ ସତ ବୋଲି ଭାବିଲେ ପରେ ଅନ୍ୟମାନେ ମଧ୍ୟ ପୂଜା କଲେ । କେତେକ କରମ ପୂଜାକୁ ବିଶ୍ୱାସ କଲେ ନାହିଁ । ତାଙ୍କ ଘରେ ଉଷୁନା ଧାନ ଟୋକେଇରେ ଥିଲା । ଟୋକେଇରେ ଥିବା ଏହି ଉଷୁନା ଧାନ ଗଜା ହୋଇଯିବାରୁ,ତାଙ୍କ ମନରେ ବିଶ୍ୱାସ ଆସିଲା ଯେ କରମ ପୂଜା ହେଉଛି ଲକ୍ଷ୍ମୀ ପୂଜା ଓ ଏହି ପୂଜା ସତ୍ୟ ଅଟେ ।

# କାରାମ ଦୂରାଂ (କରମ ଗୀତ)

ହୁଡିଞ୍ଜୀ ହୁଡିଞ୍ଜୀ ହନକକ ଧୂଲାରେ କ ଉନୁଃଆ
ଧୂଲା ଗେକ ଉତୁ ମାଡିଜ ଧୂଲା ଗେକ ବଙ୍ଗାଜ-ଆ
ଧୂଲା ତାକ ଉତୁ ବୁଲୁଂ ଇଟା ଗୁଣ୍ଡା ସାସାଂ ସୁନୁମ
ସେକାମ ବିଡା ଟକା ତାକ ସେକାମ ତେକ ପଟମେ
ଧୂଲା ଗେକ ସିଜ-ଆ ଧୂଲା ଗେକ ରଓ୍ୱାଜ-ଆ
ଧୂଲା ତାକ ଡିଲିବାବା ଧୂଲା ଗେକ ବାନ୍ଦିଜ୍-ଆ ।
ମାନମୀ ଜୀବନ ବାରସିଂ ଲାଗେଦ ହିଜୁଃ ସେନଃ ନେମାଃଆ
ହୟ ଜୀବନ ହାସା ହଲମ ଧୂଲଅରେଗେ ମେସାଓଃ ।



ଛୋଟ ଛୋଟ ଛୁଆ ମାନେ ଧୂଳିରେ ଖେଳନ୍ତି, ଧୂଳିରେ ଭାତ, ତରକାରି  ରୂନ୍ଧେଇ କରି ମିଛି ମିଛିକା ପୂଜା କରନ୍ତି । ସେହି ଧୂଳିରେ ପରିବା ଠୁ ଇଟା ଗୁଣ୍ଡାରେ ହଳଦୀ ତେଲ ମସଲା ସବୁକିଛି କରନ୍ତି । ଗଛର ପତ୍ର ତାଙ୍କର ଟଙ୍କା ବିଡା, ପତ୍ରରେ ବାକ୍ସ ତିଆରି କରି ସାଇତି ରଖନ୍ତି, ଧୂଳିରେ ଚାଷ କରି ରୂଆ ବେଉଷଣ କରି ଧାନ ଅମଳ କରନ୍ତି । ଧୂଳି ଧାନକୁ ଧୂଳି ମରେଇ ଏବଂ ପୁଳାରେ ରଖି ଘର ପରି ପୂର୍ଣ୍ଣ କରନ୍ତି । ନୁଷ୍ୟ ଜନ୍ମ ଅଢେଇ ଦିନ ଯିବା ଆସିବା ରହିଛି । ମଶାଣିରେ ଚିତା ଜଳିଲେ ମନୁଷ୍ୟ ଶରୀର ଧୂଳିରେ ମିଶିଯାଏ ।

## ପିଲାଙ୍କ କଥା

# କାରାମ ଦୁରାଂ (କରମ ଗୀତ)

ଅଲଃ ଆବୁ ଅଲଃ ଆବୁ ଯତ ଗେବୁ ଅଲଃଆ
ହୁଡିଞ୍ଚ ମାରାଂ ହାଗା ଯତ ଗେବୁ ଅଲଃଆ
ସାବେୟାବୁ ନନଲ ତନଲ ଆଲେୟାବୁ ଅଲଅନଲ
ସେନଃ ଆବୁ ଅଲଃବାଖୁଲ ପଳହାତଏବୁ ତନଲ ।
ମାଞ୍ଚ ଆଳାଂ ଦୁଲାଳ ଗେୟା ଯତଗେବୁ ଦୁଲାଳେୟା
ଭୂମିଜ ଭାଷା ଭୂମିଜ କାଜି ଯତ ଗେବୁ ଚେଦେୟା ।
ଅଲ ଅନଲ ପହାଦାରୁ ଯତ ଗେବୁନ ରୱାଜ୍-ଆ
ଭାରତ ଦିଶୁମ୍ ତାଲାରେ ଦେବୁନ ଯତନ ହାରାଜ୍-ଆ
ନଅ ମାହାଲ ସମାଜ ଲାଗେଦ ଦେବୁନ ଯତନ ଜଗାଏ । (୨)




ପଢିବା ଆମେ ପଢିବା ଆମେ, ସାନ ବଡ ସମସ୍ତେ ଭାଇ ଭଉଣୀ, ହାତରେ ଧରି ଖାତା କଲମ, ସ୍କୁଲକୁ ଯିବା ପାଠ ପଢିବା ମାତୃଭାଷା ମାଆର ସମତା , ଭୂମିଜ ଭାଷା ସମସ୍ତେ ଶିଖିବା, ଅଲ ଅନଲ ଚାରା ସମସ୍ତେ ଲଗେଇବା, ଆମ ଦେଶ ଭାରତରେ ଭୂମିଜ ସମାଜରେ, ଅଲ ଅନଲକୁ ଯତ୍ନ କରିବା ସମ୍ମାନ ଦେବା ।

ପିଲାଙ୍କ କଥା

# ଆବୁ ଜନମ ଦିଶମ (ଆମ ଜନ୍ମଭୂମି)


ଆବୁ ଦିଶୁମ ଭାରତ ଦିଶୁମ
ଜନମ ଦିଶୁମ ଜନମ ମାଞ୍ଜ
ଯତ ଆତେଜ ମାରାଂ
ଦୁଲାଳ ଗେୟା ସରସ ଗେୟା ଜନମ ମାଞ୍ଜାଃ ଆଳାଂଦ (୨)
ବାରୁ ଲାଟାରେ ଗାବାନାକାନ
ଝରନା ଗାଡାତେ ସାଦାଓ୍ୱାକାନ
ଦାଃ ଦ ହାଡିତାନ ସକଳ ବକଳ
ସାଡିଦ ଲାଲା ତାଦ୍ ଲେକା ।
ବିଲ ବିଡାତେ ବାଇୟାକାନ
ଦଲେୟା ତେଗେ ପେରେଜ୍ ଆକାନ
ହେମାଲ ବୁରୁତେ ବାଳାୟାକାନ
ବାଳଗି ଯାକଦ ଲେକା ।
ଭାରତ ଦିଶୁମ ରେକ ଜନମ ଲେନା
ବୀର ବୀରଷା ଭଗବାନ
ସିଦ କାହ୍ନୁ ତିଲକା ବାବା
ବାଇରିକ ଦାରମ ଲେନା
ଜାତି ଲାଗେଦ କ ରୁପୁଞ୍ଜ ଲେନା



ଆମ ଦେଶ ଭାରତ ବର୍ଷ ଜନ୍ମଭୂମି ଜନନୀ ସବୁଠାରୁ ବଡ ସ୍ୱର୍ଗାଦପି ଗରିୟସି ଜନନୀ ମା ଧରିତ୍ରୀ । ତରି ଦେହରେ ଗବୁଲତାସୁସଭିତ । କଳ ନାଦରେ ଝରଣା ନଦି ବହି ଯାଉଛି । ବିଲ ବନ ହ୍ରଦ ପାହାଡ ପ୍ରାନ୍ତର କେଦାର କାନନେ ଭରା । ମେଘନାଦ ପରି ପାଚେରୀ ଘେରିଛି ହିମାଳୟ ଗିରିବିନ୍ଦେ । ବୀର ପ୍ରସବିନୀ ଭାରତ ଜନନୀ ଇତିହାସ କହେ କଥା । ବିରସା ଭଗବାନ ସିଦ୍, କାହ୍ନୁ, ତିଲକା ବାବା ଓ ବୀର ଗଙ୍ଗା ନାରାୟଣନ । ତୋରି ମାଟିରେ ଜନ୍ମ ହୋଇ ସତ୍ରୁ ସହିତ ଲଢିଥିଲେ ।

ପିଲାଙ୍କ କଥା

ଜହିଲ କ ଖାଟାଓ ଲେନା । ଦେବୁନ ଦଲାବୁନ୍ ଯତ କଗେ ସିନ୍ଧୁ ବାସି ବୂମିଜ
ଅୟନେନ ପେ ଅୟନେନ୍ ପେ ଯତ ହାଗା ମିଶିକ ।
ଅଲ ଅନଲ ଚେଦେୟାବୁ ଜନମ ଆଲାଂ କାଜିଜ-ଆବୁ
କାରେ ଆବୁ ଆଦଃ ଆବୁ ଯତ ଭୂମିଜ ଜାତିକ
ଅଲ ଗେୟାନବୁ ସାଧାତ ଏୟା ଚାଷରେ ମନବୁ ଲାଗାଓ ଏୟା
ଦୁରାଂ ତେଗେଞ୍ଜ ନେହର ତାଦପେ ଯତ ମାଞ୍ଜି କ ବାବୁକ
ଦିରାଂ ତେଗେଞ୍ଜ କାଜିୟାପେତାନ ଯତ ଭାଇକ ବହିନକ
ଅୟନେନ୍ପେ ଅୟନେନପେ ଯତ ହାଗା ମିଶିକା.........



ଇଂରେଜ ମାନଙ୍କୁ ସାମନା କରିଥିଲେ । ଜେଲରେ ମୃତ୍ୟୁ ହୋଇଥିଲା । ଆସରେ ଭାଇ ସିନ୍ଧୁ ବାସି ଭୂମିଜ ମାନେ ଜାଗ୍ରତ ହୁଅ ସମସ୍ତ ଭାଇ ଭଉଣୀ ମାନେ । ଅଲ ଅନଲ ଶିଖିବା ଭୂମିଜ ଭାଷାକୁ ଆଦରିବା ନ ହେଲେ ଭୂମିଜ ଭାଷା ଓ ଭୂମିଜ ଜାତି ଧିରେ ଧିରେ ଲୋପ ପାଇବ । ପାଠରେ ମୋନ ଦେବା ଚାଷରେ ଉଦଯୋଗୀ ହେବା । ସମସ୍ତ ଗୁରୁଜନ ଓ ଭାଇ ଭଉଣୀ ମାନଙ୍କୁ ମୋର ଗୁହାରୀ ଉଠରେ ଉଠରେ ଭୂମିଜ ଜାତି ଉଠିବୁତୁ କେତେ ଦିନେ । ପୂରବ ଗୌରବ ପୂରବ ମହିମା ପଡୁ ନାହିଁ କିରେ ମନେ ।

# ଛଟାଉ ତଃମେ ପାଇଟି ଦାଦା (ସୁଲିଆ ଭାଇ)

ଛଟାଉ ତଃମେ ପାଇଟି ଦାଦା ଆମଦ ଆଲମ ହାପିନା (୨)
ଆଶା ଭରସା କାକ ତାୟାଃ ଯଦି ଆମ୍ ଦମ୍ ପାଲୁଆ ।
ଛୁଟାଉ ତଃ ମେ ପାଇଟି ଦାଦା ଆମଦ ଆଲମ ହାପିନା ।
ସାଉ ମାହାଜନ ଧାରତି ତେଗେ ଆମ୍‌ଦମ୍ ଟପେୟାକାନା
ଜୀଲୁ ମାଡି ତେଗେ ଆମ୍‌ଦମ୍ ସେଣା ଚାବା ହାକାନା
ଇଙ୍ଗା ବୁରୁମ ଦେୟା କେଦକ (୨)
ସେବା ମନେ ବାନଆ ............
ଛଟାଉ ତଃମେ ।ପାଇଟି ଦାଦା ଆମଦ ଆଲମ ହାପିନା ।
ସିଙ୍ଗି ଗଟାମ ପାଇଟି ରେହଁ ଉପାସ କତେମ୍ ଜାପିଦେ
ଦିଶୁମ ଗଟା ହଳ ଲଗେଦ ଇମିନ କଷ୍ଟମ ସାହାଓ୍ୱେ
ଆମାଃ ଦୁଖ ଦକ୍ ନେଲେ ଯା ଚି (୨)




ମୂଲ ଲାଗି ଥାରେ ଭାଇ ଖଟିଖିଆ ଜୀବନ । ଅଭାବ ହେଲେ ଆଶାଭରସା କେହି ନ ଥିବେ । ସାହୁକାର ମାନେ ତୋତେ ଠକିବେ । ଦେବା ଦେବୀ ମାନଙ୍କୁ ଅଭାବି ହୃଦୟରେ ଡାକିବାକୁ ଭୂଲି ଯିବୁ । ଦିନରାତି ଏକ କରି ପରଉପକାର କରୁଛୁ ହେଲେ ନିଜେ ଉପାସରେ ଶୋଉଛୁ । ଏ ନିରମାୟା ଦୁନିଆଁ କ'ଣ ତ ଦୁଖରେ ସାମିଲ ହେବ । ତୋରି ଦୁଃଖ ଦେଖି କେହି ମୂଲ ଦେବେ ନାହିଁ । କେବଳ ସମାଜର ସେବା କରି ଚାଲିଥା ।

ପିଲାଙ୍କ କଥା

# ନିରମାୟା ଦୁନିଆଁ


ଛଟାଉ ତଃମେ ପାଇଟି ଦାଦା ଆମଦ ଆଲମ ହାପିନା ।
ଆମ ଦ ଅକୟ ଜାଲା ଅମାମ୍ ଦୁଖ ଜାଲା ନେଲତେ
ସମାଜରେୟା ବୁଗି ଲାଗଦ ମେଦଦାଃ ଜରଅଃ ମନେତେ
ଖାଟାଓ କାତେମ ଆରଜାଓ ଆକାଦ୍ (୨)
ଜମାଃ ନୁ ଆଃ ଜତଆଃ
ଛଟାଉ ତଃମେ ପାଇଟି ଦାଦା ଆମଦ ଆଲମ ହାପିନା ।
ଆଲମ ସେନଃ କୁଜି ନେତା ଟାଉଟରାଃ କାଜିତେ
ଆୟାଃ ପାଇଟି ଚାବା ଜାନରେ ସେଣା ମେୟାଜ୍ ତାୟମତେ
ଅଲ ଗେୟାନ ତାୟଃରେଦ (୨)
କାକ ସେଣା ଦାଲିୟା
ଛଟାଉ ତଃମେ ପାଇଟି ଦାଦା ଆମଦ ଆଲମ ହାପିନା ।
ଆୟାର ହଳମ ତାୟମାକାନ ଆମ ଦମ୍ ହାପିୟାକାନା
ଇଲି ଆରକି ନୁ ତେଗେ ଅମଦମ ଭୂଲାଉ ଆକାନା
ଇଳି କଳା ପଳହାଓ ଲଃରେ (୨)
ସମାଜ ତାବୁ ରାକାବ୍‌ଆ
ଛଟାଉ ତଃମେ ପାଇଟି ଦାଦା ଆମଦ ଆଲମ ହାପିନା ।



କୁଜି ନେତା ମାନଙ୍କ କଥାରେ ପଡିବୁ ନାହିଁ । ସେମାନେ ଟାଉଟର ଗିରି କରି କାମ ହାସଲ କରି ନେଲେ ଆଉ ତୋ ପାଖ ମାଡିବେ ନାହିଁ । ପାଠ ପଢି ଶିକ୍ଷିତ ହେଲେ ତୋତେ ଆଉ କେହି ଠକି ନେଇ ପାରିବେ ନାହିଁ । ତୁ ମୂଳ ଅଧିବାସୀ କେମିତି ଚୁପ ଚାପ ବସି ରହିଛୁ । ହାଣ୍ଡିଆ ମଦ ପିଇ ସବୁ ଭୁଲି ଯାଇଛୁ । ପୁରୁଷ ମହିଳା ଉଭୟ ଶିକ୍ଷିତ ହେଲେ ଆମ ସମାଜର ଉନ୍ନତି ହେବ । ଶିକ୍ଷା ବିନା ଦେଶର ଜାତିର ଉନ୍ନତି ଅସମ୍ଭବ ।

# ସାର୍‌ହୁଲ୍ ଗୀତ (ହାଦି ଦୁରାଂ)


ବିକୁ ଦକ ଅଲ ତାନାୟା ଦାଦା
ସ୍କୁଲ କଲେଜରେ ଦାଦା ଇନଭାରସିଟିରେ
ଅନୁଦବୁନ ଭୂଲାଉ ଆକାନ ୟା ଦାଦା
ଇଲି ଚାଟୁରେ ଦାଦା ଆରକି ଭାଟିରେ ।
ଦିକୁ ଦିକୁ ଚାକରି ତାନାୟ ଦାଦା
ଦଲାନ୍ ଅଳାଃରେ  ଦାଦା ପାନଖା ଲାତାରରେ
ଆବୁ ଦ ବୁନ ପାଇଟି ତାନାୟ ଦାଦା
ଏଟାଃ ଅଳାଃରେ ଦାଦା ଠିକା ଗାଡ୍ଡୁରେ ।



ଅନ୍ୟାନ୍ୟ ବର୍ଗର ଲୋକ ମାନେ ଦିକୁ । ଓଡିଆ ମାନେ ସମସ୍ତେ ଦିକୁ ଭାଇ । ଦିକୁ ମାନେ ସମସ୍ତେ ସ୍କୁଲ କଲେଜ ୟୁନିଭାରସିଟିରେ ପାଠ ପଢୁଛନ୍ତି । କିନ୍ତୁ ଆମେ ହାଣ୍ଡିଆ ମଦ ଭାଟିରେ ମାତାଲ ହୋଇ ଗଡି ବୁଲୁଛୁ । ଦିକୁମାନେ କୋଠାଘରେ ଫେନ ତଳେ କୋଟ କଚେରୀ ଜଜ୍ ଅଫିସ୍‌ରେ ଚାକିରି କରୁଛନ୍ତି ।

ପିଲାଙ୍କ କଥା

ଦିକୁ ଦିକୁ ପାଇଟି ତାନାୟ ଦାଦା
କୋଟ କଚରୀରେ ଦାଦା ଜଜ୍ ଅଁସରେ
ଆବୁ ଦ ବୁନ ସେନ୍ଦ୍ରା ତାନାୟା ଦାନା
ଗୁଟୁ ବୁରୁରେ ଦାଦା ବେଡା ଲହଲେରେ ।
ସମାଜ ତାବୁନ୍ ବୁଞ୍ଚାଲ ତାନାୟା ଦାନା
ଅଞ୍ଚାରେୟାବୁନ ଦାଦା ସୁଧାରେୟାବୁନ
ଜାତି ତାବୁ ଡୁବା ତାନାୟା ଦାଦା
ସିପିଞ୍ଜୀୟାବୁନ ଦାଦା ରାକବ୍ ଏୟାବୁନ୍ ।



ହେଲେ ଆମ ଲୋକମାନେ ପର ଘରେ ମୂଲ ଲାଗି ବଣ ଜଙ୍ଗଲରେ ଶିକାର କରୁଛୁ । ଏହାଫଳରେ ଆମ ସମାଜର ଅଧ ପତନ ହେଉଛି । ତେଣୁ ସମାଜକୁ ସୁଧାରିବାକୁ ପ୍ରୟାସ କରିବା ।

# ସାର୍‌ହୁଲ୍ ଗୀତ (ହାଦି ଦୁରାଂ)

ଓାଙ୍ଗିଞ୍ଜ ଦିଶୁମ ରେଦ ଦାଦା
ଆଲଗମ ଆମଇଞ୍ଜ ଦାଦା
ଦିଲିଞ୍ଜ ହରେନ ରେଦ ଦାଦା
ଆଲଗମ ଚାଲିଞ୍ଜ ଦାଦା
ପାଇ ତେଚି ପୟଲା ତେକ ସଂଆସ ରେହଁ ଦାଦା
ଆଲଗମ ଚାଲିଞ୍ଜ ଦାଦା
ସେଙ୍ଗେଲ ତେଚି ସୁକୁଲ ତେଗ
କା ଗୋମ୍ ନେଲିଞ୍ଜ ଦାଦା
ଜାଂ ତେଚି ଜିଲୁ ତେଗୋ ଦାଦା
କା ଗୋମ ଚିନାଞ୍ଜ ଦାଦା



ବଡ ଭାଇକୁ ଭଉଣୀ କହୁଛି । ବଡ ଭାଇ ଦୂର ଦେଶରେ ମୋର ବାହାଘର କରାଇ ଦେବ ନାହିଁ । ବହୁତ ଦୂର ରାସ୍ତା ଯିବା ଆସିବା ଅସୁବିଧା । ଯେତେ ଟଙ୍କା ପଇସା କିମ୍ବା ଗୋରୁ ପୋଣ ଦେଲେ ମଧ୍ୟ ପ୍ରସ୍ତାବରେ ରାଜି ହେବ ନାହିଁ । ଦୂର ଦେଶରେ ବାହା ଦେଲେ ମଶାଣୀ ଜୁଇରେ କୁହୁଳି ଉଠୁଥିବା ଧୂଆଁକୁ ମୋର ଦେଖିପାରିବ ନାହିଁ କି ହାଡ ମାଂସର ମର ଶରୀରକୁ ଆଉ ଚିହ୍ନି ପାରିବ ନାହିଁ । ମୋ ପାଖକୁ ପହଞ୍ଚିଲା ବେଳକୁ ସବୁ କିଛି ସରି ଯାଇଥିବ ।

ପିଲାଙ୍କ କଥା

# ଯମୂନା ଗାଡା (ଯମୁନା ନଦୀ)

**ନେବାର ଅକୋ ଗାଡାରେଆଃ ନୁମୁ ଯମୂନା ଗାଡା ମେନ୍ତେ ନୁମୁ ଅକାନ, ନେନ୍ ଗାଡାରେଆଃ ନୁମୁ ଅଯର୍ଯ୍ୟକ ବଲୋନ ଆୟାର ଯମୂନା ଗାଡା ମେନ୍ତେ ନୁମୁ କା ତାୟଲେନା ଭୂମିଜ ନେନ ଯମୂନା ଗାଡା କୁଟିରେହଁ ତାୟଲେନା । ଭୂମିଜକନେନ ଗାଡା କୁଟିରେ ତାୟଲେନାକ ଅକ୍ତରେ ନେନ ଗାଡାକୁଟିରେ ବେଜାଇଁ ଚାଷବାସ ଲେଆକ । ଜନାରୀ ଗାଙ୍ଗାୟ, ଗୁନ୍ଦଲୀ ବାବା ଅଡଃ ବେଜାଇଁ ଏମାନ ତେମାନ "ଜ" କ ଚାଷ ଲେଆକ ।**



ବର୍ତ୍ତମାନ ଯେଉଁ ନଦୀର ନାମ ଯମୂନା ନଦୀ ବୋଲି କୁହାଯାଉଛି, ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିବା ପୂର୍ବରୁଏହି ନଦୀର ନାମ ଯମୁନା ନଦୀ ନ ଥିଲା । ଭୂମିଜ ମାନେ ଏହି ନଦୀକୂଳରେ ରହିଥିବା ବେଳେ, ଏହି ନଦୀ କୂଳ ମାନଙ୍କରେ ମକା, ଗାଙ୍ଗାୟ, ଗୁଡଲୁ (ଏକ ପ୍ରକାର ଘାସ ମଞ୍ଜି) ଧାନ ଆଦି ଚାଷ କରୁ ନ ଥିଲେ । ଏହି ନଦୀକୂଳରେ ଏହି ସବୁ ଫସଲ ଚାଷ କରିବା ବେଳେ,

ପିଲାଙ୍କ କଥା

**ନେନ୍ ଗାଡାକାଟିରେ ଏନ ଯତୋ "ଜ" କ ଚାଷ ଲେଆକ ଅକ୍ତରେ, ଏନ ଯତୋ "ଜ" କ ବେଜାଇଁ ଚେହେରା ହୁଇଜାନା । ଏନ "ଜ" କ ନେନ୍ ଗାଡାକାଟିରେ ବେଜାଇଁ ଚେହେରା ଅମନ ବାଲାକାତେ ବେଜାଇଁ ଚେହେରା "ଜ" ଜାନାୟ ମେନ୍ତେ, ନେନ୍ ଗାଡାରେଆଃ ନୁମୁ ଭୂମିଜକ "ଜ" ଅମନ ଗାଡା ମେନ୍ତେ ନୁମୁଲେଆ ତାୟନମ ଏନ ଜଅମନ ନୁମୁ ଆତୁଂଗେ ନେନ୍ ଗାଡାରେଆଃ ନୁମୁ ଜମୂନା ଚି  ଯମୂନା ଗାଡା ମେନ୍ତେ ନୁମୁଜାନା ।**



ଏହି ନଦୀକୂଳରେ ଫସଲର ମଞ୍ଜି ଭଲ ଭାବରେ ଅଙ୍କୁରିତ ହେଉଥିଲା । ଫସଲ ଭଲ ହେଉଥିଲା, ଭଲ ଫଳୁ ଥିଲା । ଫସଲର ମଞ୍ଜି ଏହି ନଦୀ ପାଣିରେ ଭଲ ଅଙ୍କୁରିତ ହେଉଥିଲା ବୋଲି ଏହି ନଦୀକୁ "ମଞ୍ଜି ଅଙ୍କୁରିତ ନଦୀ" ବୋଲି ନାମିତ କରିଥିଲେ । ଭୂମିଜ ଭାଷାରେ ମଞ୍ଜି ଅଙ୍କୁରିତ ନଦୀକୁ ଜ-ଅମନ ଗାଡା ବୋଲି କହନ୍ତି । ଏହି ଜଅମନ ନାମରୁହିଁ ଏହି ନଦୀର ନାମ "ଯମୂନା" ନଦୀ ବୋଲି କୁହାଗଲା ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର